# ତହସିଲ କାର୍ଯ୍ୟାଳୟ ଡେଲାଙ୍ଗ
# ଲଘୁ ଖଣିଜ ଦ୍ରବ୍ୟ ଲିଜ ନିମନ୍ତେ ବିଜ୍ଞାପନ
## ସଂଖ୍ୟା ୨୯୪୫ ତା ୦୬.୦୮.୨୦୨୦

ଏତଦଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ପୁରୀ ଜିଲ୍ଲା ଅନ୍ତର୍ଗତ ଡେଲାଙ୍ଗ ତହସିଲ ଅଧୀନରେ **ସୈରାତ ଉତ୍ସଗୁଡିକ ଆଗାମୀ ୫ (ପାଞ୍ଚ) ବର୍ଷ ଲିଜ ଏଗ୍ରୀମେଣ୍ଟ ସମ୍ପାଦନ କରିବା ଦିନ ଠାରୁ ଦୀର୍ଘ ମିଆଦି ସୂତ୍ରେ ଲିଜ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ସୈରାତ ଉତ୍ସଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ, ରକବା, ବ୍ୟାଙ୍କ ଗ୍ୟାରେଣ୍ଟି ଏବଂ ଇଏମଡ଼ି ପୁରୀ ଜିଲ୍ଲା ୱେବସାଇଟ www.puri.nic.in ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ୍ୟ ତହସିଲଦାର , ଡେଲାଙ୍ଗ, ଜିଲ୍ଲା-ପୁରୀ, ପିନ- ୭୫୨୦୧୬ ଙ୍କ କାର୍ଯ୍ୟାଳୟ ସହ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି । ପ୍ରକାଶ ଥାଉ କି, ପ୍ରଥମ ଥର ପାଇଁ ତା ୨୫.୦୮.୨୦୨୦ ରିଖ, ୨ୟ ଥର ପାଇଁ ତା 04.0୯.2020 ରିଖ ଓ ୩ୟ ଥର ପାଇଁ ତା ୧୫.୦୯.୨୦୨୦ ରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।**

ତହସିଲଦାର-ତଥା -କ୍ଷମତାସମ୍ପର୍ଣ୍ଣ

ପ୍ରାଧିକାରୀ, ଡେଲାଙ୍ଗ

# ତହସିଲଦାର ,ଡେଲାଙ୍ଗଙ୍କ କାର୍ଯ୍ୟାଳୟ

## ଇସ୍ତାହାର

ସଂଖ୍ୟା ୨୯୪୫ ତା. ୦୬.୦୮.୨୦୨୦

**ଲଘୁ ଖଣିଜ ପଦାର୍ଥ ନିମନ୍ତେ ଦୀର୍ଘ ମିଆଦି ଲିଜ ନିଲାମ ଇସ୍ତାହାର**

**(ISTAHAR FOR LONG TERM LEASE OF SAIRAT SOURCES)**

ଏତଦଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ,ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଡେଲାଙ୍ଗ ତହସିଲ ଅନ୍ତର୍ଗତ ନିମ୍ନପ୍ରଦତ୍ତ ନଦୀବାଲି ସୈରାତ ଉତ୍ସ) (ଲଘୁ ଖଣିଜ ପଦାର୍ଥ,ବାଲି)((Lease agreement )ସମ୍ପାଦନ ହେବା ଦିନ- ଠାରୁ ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦି ସୁତ୍ରେ ଲିଜ ପ୍ରଦାନ କରାଯିବା ନିମନ୍ତେ ପ୍ରତ୍ୟେକ ଉତ୍ସ ପାଇଁ ଅଲଗା ଅଲଗା ଭାବେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ /ଅନୁଷ୍ଠାନ OMMC Rule, 2016 ର **Form – M ପୂରଣ କରି ଏହାର ତିନି କପି** ସହ ଅପର ପାର୍ଶ୍ୱ ରେ ଉଲ୍ଲେଖିତ ଦଲିଲ ଦସ୍ତାବିଜ ସଲଗ୍ନ କରି ଯଉମୁଦ ଲଫାପା ( Sealed Cover) ରେ ଆବେଦନ କରିବେ , ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କେବଳ ରେଜିଷ୍ଟ୍ରି ଡାକ/ ସ୍ପିଡ ପୋଷ୍ଟ ଦ୍ୱାରା ଗ୍ରହଣ କରାଯିବ । ଲଫାପା ଉପରେ ସୈରାତ ଉତ୍ସ ର ନାମ ଓ ସୈରାତ କେସ ସଂଖ୍ୟା ଉଲ୍ଲେଖ ରହିବା ଏକାନ୍ତ ଆବଶ୍ୟକ, ଗୋଟିଏ ଲଫାପାରେ କେବଳ ଗୋଟିଏ ଉତ୍ସ ପାଇଁ ଆବେଦନ କରିବେ । ଏକାଧିକ ଉତ୍ସ ପାଇଁ ଆବେଦନ କରୁଥିଲେ ଅଲଗା ଅଲଗା ଭାବରେ ଆବେଦନ କରି ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେସ ସଂଖ୍ୟା ଉଲ୍ଲେଖ ରହିବା ଏକାନ୍ତ ଆବଶ୍ୟକ, ନଚେତ ଦରଖାସ୍ତଟିକୁ ବିଚାର କରାଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ। ଅସମ୍ପୂର୍ଣ ଦରଖାସ୍ତ କୁ ବାତିଲ କରାଯିବ । କୌଣସି କାରଣ ବଶତଃ ଲିଜ କୁ ସ୍ଥଗିତ / ପରିବର୍ତ୍ତନ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି । ଲିଜ ଆବେଦେନ ପାଇଁ ଦରଖାସ୍ତ / Sealed Tender ଗ୍ରହଣର ଶେଷ ତାରିଖ ୨୫.୦୮.୨୦୨୦ ରିଖ ଅପରାହ୍ନ ୫ ଘଟିକା ଅଟେ । ଉକ୍ତ ଦରଖାସ୍ତ ଗୁଡିକ ତା ୨୬.୦୮.୨୦୨୦ ରିଖ ଦିବା ୧୧ ଘଟିକା ସମୟରେ ଦରଖାସ୍ତକାରୀ ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Sealed Tender ଖୋଲା ଯାଇ ସର୍ବୋଚ୍ଚ ବା ସର୍ବାଧିକ ଅତିରିକ୍ତ ମୂଲ୍ୟ Additional Charge) ଦର୍ଶାଉଥିବା ଦରଖାସ୍ତକାରୀଙ୍କ ଯଦି ଆନୁସାଙ୍ଗିକ କାଗଜାତ ଦଲିଲ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଠିକ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକବ୍ୟକ୍ତି ସମ୍ପୃକ୍ତ ଖାଦାନ ପାଇଁ ସମାନ ଅତିରିକ୍ତ ମୂଲ୍ୟ ଦର୍ଶାଇଥିଲେ

ଲଟେରୀ ମାଧ୍ୟମରେ ସଫଳ ନିଲାମଧାରୀ ଚୟନ କରାଯିବ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ଗ୍ରହଣ କରାଯାଇନଥାଏ ବା କୌଣସି କାରଣ ବଶତଃ କୌଣସି ଲିଜ ଚୁଡାନ୍ତ ହୋଇ ନପାରେ ତାହେଲେ ୨ ୟ ଥର ପାଇଁ ତା ୦୪.୦୯.୨୦୨୦ ରିଖ ୫ ଘଟିକା ପର୍ଯ୍ୟନ୍ତ ଉପରୋକ୍ତ ପ୍ରାଣାଳୀରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଆବେଦନ କରିଥିବା ଦରଖାସ୍ତ ତା ୦୫.୦୯.୨୦୨୦ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଦରଖାସ୍ତକାରୀ ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Sealed Tender ଖୋଲା ଯାଇ ସର୍ବୋଚ୍ଚ ବା ସର୍ବାଧିକ ଅତିରିକ୍ତ ମୂଲ୍ୟ Additional Charge) ଦର୍ଶାଉଥିବା ଦରଖାସ୍ତକାରୀଙ୍କ ଯଦି ଆନୁସାଙ୍ଗିକ କାଗଜାତ ଦଲିଲ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଠିକ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଯଦି ଦ୍ୱିତୀୟ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ସୈରାତ ଉତ୍ସ ପାଇଁ ଦରଖାସ୍ତ ଗ୍ରହଣ କରାଯାଇନଥାଏ ବା କୌଣସି କାରଣ ବଶତଃ କୌଣସି ଲିଜ ଚୁଡାନ୍ତ ହୋଇ ନପାରେ ତାହେଲେ ୩ ୟ ଥର ପାଇଁ ତା ୧୫.୦୯.୨୦୨୦ ରିଖ ୫ ଘଟିକା ପର୍ଯ୍ୟନ୍ତ ଉପରୋକ୍ତ ପ୍ରାଣାଳୀରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଆବେଦନ କରିଥିବା ଦରଖାସ୍ତ ତା ୧୬.୦୯.୨୦୨୦ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଦରଖାସ୍ତକାରୀ ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Sealed Tender ଖୋଲା ଯାଇ ସର୍ବୋଚ୍ଚ ବା ସର୍ବାଧିକ ଅତିରିକ୍ତ ମୂଲ୍ୟ Additional Charge) ଦର୍ଶାଉଥିବା ଦରଖାସ୍ତକାରୀଙ୍କ ଯଦି ଆନୁସାଙ୍ଗିକ କାଗଜାତ ଦଲିଲ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଠିକ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ ।

(ପ୍ରକାଶ ଥାଉ କି ପ୍ରଥମ ତାରିଖରେ( ୨୫.୦୮.୨୦୨୦) ସୈରାତ ଉତ୍ସ ଗୁଡିକ ନିଲାମ ନହୋଇ ପାରିଲେ ତା ୨୭.୦୮.୨୦୨୦ ରିଖ ତହସିଲ ଅଫିସ ନୋଟିସ ବୋର୍ଡ ଏବଂ www.puri.nic.in ରେ ଏହା ସୁଚାଇ ଦିଆଯିବ ଏବଂ ଆବେଦନକାରୀ ତା ୦୪.୦୯.୨୦୨୦ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଆବେଦନ କରିପାରିବେ । ଠିକ ସେହି ପରି ୨ ୟ ଥର ପାଇଁ (୦୪.୦୯.୨୦୨୦) ସୈରାତ ଉତ୍ସ ଗୁଡିକ ନିଲାମ ନହୋଇ ପାରିଲେ ତା ୦୫.୦୯.୨୦୨୦ ରିଖ ରେ ତହସିଲ ଅଫିସ ନୋଟିସ ବୋର୍ଡ ଏବଂ www.puri.nic.in ରେ ସୁଚାଇ ଦିଆଯିବ ଏବଂ ଆବେଦନକାରୀ /ସଂସ୍ଥା ତା ୧୫.୦୯.୨୦୨୦ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଆବେଦନ କରିପାରିବେ । ଉପରୋକ୍ତ ବିର୍ଦ୍ଧାରିତ ତାରିଖରେ ଇଚ୍ଛୁକ ବ୍ୟକ୍ତି /ସଂସ୍ଥା ଜଉମୁଦ ଲଫାପା ରେ ଆବେଦନ ପତ୍ର କେବଳ ରେଜିଷ୍ଟ୍ରି ଡାକ/ସ୍ପିଡ ପୋଷ୍ଟ ଜରିଆରେ ତହସିଲଦାର, ଡେଲାଙ୍ଗ, ରେଞ୍ଜ, ପୋ – ବେରବୋଇ ଥାନା ଡେଲାଙ୍ଗ ଜି -ପୁରୀ ପିନ୍ ନଂ 752016 ଓଡିଶା ଠିକଣାରେ ପଠାଇବେ ନଚେତ ଏହା ସ୍ୱତଃ ନାକଚ ହୋଇଯିବ। ଅନ୍ୟ କୌଣସି ପ୍ରକାରରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । )

ଯଦି ଉକ୍ତ ଲିଜ ଦରଖାସ୍ତ ଖୋଲିବା ତାରିଖ ଯଥା ୨୬.୦୮.୨୦୨୦ ବା ୦୫.୦୯.୨୦୨୦ ବା

# ନିଲାମ ପାଇଁ ଥିବା ସୈରାତ ଉତ୍ସଗୁଡିକର ବିବରଣୀ

| Sl No. | Name of the Souurce | Sairat Case No. | Name of Mouza | Khata | Plot | Area | Klssam / type of source | Minimum Guaranted Quantity per year | Royality per C.M (Rs.) | Minimumm addl Charges payable per Cum (Rs.) |
|---|---|---|---|---|---|---|---|---|---|---|
| 1 | River sand Basumandal | 1/ 20-21 | Basumandal | 8 | 85 | Ac.04.50 out of Ac 09.55 | Nadi | 1571 | 35.00 | 35.00 |
| ୨ | River sand Tigiria | 2/ 20-21 | Tigiria | 54 | 3 | Ac.09.05 out of Ac 13.83 | Nadi | 7024 | 35.00 | 35.00 |
| ୩ | River Sand Bhansar | 3/ 20-21 | Bhansar | 594 | 2932 | Ac 22.62 | Nadi | 8190 | 35.00 | 35.00 |
| ୪ | River Sand Gada Beguniapada | 4/ 20-21 | Gadabeguniapada | 319 | 1 | Ac.12.50 | Nadi | 5843 | 35.00 | 35.00 |
| ୫ | River Sand Majhibada – (A) | 5/ 20-21 | Majhibada | 142 | 538 | Ac.10.16 | Nadi | 1440 | 35.00 | 35.00 |
| ୬ | River Sand Majhibada – (B) | 6/ 20-21 | Majhibada | 142 | 538/ 540 | Ac. 06.40 | Nadi | 5222 | 35.00 | 35.00 |

ଏହି ସୈରାତ ଉତ୍ସ ଲିଜ ସମ୍ବନ୍ଧିୟ ସମସ୍ତ ତଥ୍ୟ www.puri.nic.in ରେ ଉପଲବ୍ଧ ହେବ । ଏହା ବ୍ୟତୀତ ଏଥି ସମ୍ବନ୍ଧିୟ ସମସ୍ତ ବିବରଣୀ ଅନ୍ୟାନ୍ୟ ନିୟମାବଳୀ ତହସିଲଦାର, ଡେଲାଙ୍ଗଙ୍କ କାର୍ଯ୍ୟାଳୟରୁ ସରକାରୀ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି /ସଂସ୍ଥା ଜଉମୁଦ ଲଫାପା ରେ ଆବେଦନ ପତ୍ର କେବଳ ରେଜିଷ୍ଟ୍ରି ଡାକ/ସ୍ପିଡ ପୋଷ୍ଟ ଜରିଆରେ ତହସିଲଦାର, ଡେଲାଙ୍ଗ, ରେଞ୍ଜ, ପୋ – ବେରବୋଇ ଥାନା ଡେଲାଙ୍ଗ ଜି -ପୁରୀ ପିନ୍ ନଂ 752016 ଓଡିଶା ଠିକଣାରେ ପଠାଇବେ ନଚେତ ଏହା ସ୍ୱତଃ ନାକଚ ହୋଇଯିବ। ଅନ୍ୟ କୌଣସି ପ୍ରକାରରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ /କାଗଜାତ ।**

1. ଦରଖାସ୍ତ ସହ )ଅଣ ଫେରସ୍ତ (ଟ 0 ) -/1000ଏକହଜାର (ତହସିଲଦାର ,ଡେଲାଙ୍ଗଙ୍କ ନାମେ ଟ୍ରେଜେରୀ ଚାଲାଣ ହେବ ।(Head of Account ନଂ -୦୮୫୩-Non ferrous Mining & Metallurgical industries)Royalty।
2. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ ବିବରଣୀ ଯଥା – ଖାତା ,ପ୍ଲଟ , ରକବା )Land Schedule) ଓ ନକ୍ସା ( Quarry Lease Plan) .
3. Odisha Minor Mineral Concession Rules, 2016 ଆଧାରରେ, ଦରଖାସ୍ତକାରୀଙ୍କ ଉପରେ କୌଣସି ବକେୟା ଅର୍ଥ ପଏଠ କରିବାକୁ ନଥିବା ସମ୍ବନ୍ଧିୟ ସତ୍ୟ ପାଠ ।

4. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନସି ସାର୍ଟିଫିକେଟ ବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି 18 ମାସ ପର୍ଯ୍ୟନ୍ତ ବୈଧ ରହିଥିବ ଏବଂ ଯାହାର ମୂଲ୍ୟ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ) ର ଏକ ବର୍ଷର ରୟାଲିଟି ଯୁକ୍ତ ଅର୍ପିତ ଅତିରିକ୍ତ ମୂଲ୍ୟ(Offered Additional Charge) ଠାରୁ କମ ହୋଇନଥିବ ( ନିର୍ଦ୍ଧିଷ୍ଟ ରାଶି ଠାରୁ କମ ହେବ ନାହିଁ ।) ( A solvency Certificate or Bank Guarantee valid for a period of Eighteen months for an amount of not less than the amount of additional charge offered plus the royalty payable for the Minimum Guaranteed Quantity for one whole year) .
5. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସମସ୍ତ ସ୍ଥାବର ବା ଅସ୍ଥାବର ସମ୍ପତ୍ତିର ଏକ ତାଲିକା
6. Income Tax Clearance Certificate or an Affidavit stating there in that no income Tax pending against the applicant.
7. ନିଜର ଭୋଟର ପରିଚୟ ପତ୍ର ) EPIC ବା ଆଧାର କାର୍ଡ (Aadhaar Card) ବା ପାନ କାର୍ଡ ( PAN Card)
8. EMD (Earenest Money deposit) **original** ପତ୍ର ଯାହାକି ନୋଟିସ ଦର୍ଶିତ ସର୍ବନିମ୍ନ ସ୍ଥିରିକୃତ ପରିମାଣ(MGQ)ର ପୁରା ଏକ ବର୍ଷର ଅତିରିକ୍ତ ମୂଲ୍ୟ Addl. Charge) ଯୁକ୍ତ ଏକ ବର୍ଷର ରୟାଲିଟ ମୂଲ୍ୟ ର ଶତକଡା ୫ ରୁ କମ ହୋଇନଥିବାର Demand Draft ପଇଠ ର ରସିଦ / ଏକ କିତା ନକଲ ।
9. ଅସମ୍ପୂର୍ଣ୍ଣ ବା ଆବଶ୍ୟକ କାଗଜାତ ନଥିବା ଦରଖାସ୍ତ ନାକଚ କରାଯିବ ।

# ସର୍ତ୍ତାବଳି

୧. ଆବେଦନକାରି ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ଅନ୍ୟ ସମସ୍ତ amendment Rules ଓ ତତ୍ ସମନ୍ଧିୟ ସମସ୍ତ ଆଇନର ପରିସର ଭୁକ୍ତ ରହିବେ ।

୨. ଲିଜ ଅବଧି Lease Agreement ସମ୍ପାଦନ ହେବା ଦିନ ଠାରୁ 5 ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ର ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ । ଯେଉଁ ସୈରାତ ଉତ୍ସ ଗୁଡିକୁ ସରକାରୀ ରାସ୍ତା ନାହିଁ ସେଥିରେ ଲିଜ ନେଇଥିବା ବ୍ୟକ୍ତି ବିଶେଷ ସୈରାତ ଉତ୍ସକୁ ଗମନା ଗମନର ବ୍ୟବସ୍ଥା ନିଜ ଖର୍ଚ୍ଚ ଓ ଦାୟୀତ୍ୱରେ କରିବେ ।

୩. ପ୍ରଚଳିତ ନିୟମାବଳୀ ଆନୁଯାଇ Form –M ଉପରେ ଦର୍ଶିତ ଅତିରିକ୍ତ ମୂଲ୍ୟ (Addl charge) କୁ ବିଚାରକୁ ନିଆଯାଇ ସମ୍ପୃକ୍ତ ସର୍ବାଧିକ ଅତିରିକ୍ତ ମୂଲ୍ୟ ଉଲ୍ଲେଖକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ ମୂଲ୍ୟ ଉଲ୍ଲେଖ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କ ନାମ ଚୟନ କରାଯିବ । ଯଦି କୌଣସି ଦରଖାସ୍ତକାରୀ ପୂର୍ବ ପୃଷ୍ଠାରେ ଦିଆଯାଇଥିବା "ନିଲାମ ପାଇଁ ଥିବା ସୈରାତ ଉତ୍ସ ଗୁଡିକର ବିବରଣୀ " ରେ ଦର୍ଶାଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଅତିରିକ୍ତ ମୂଲ୍ୟ ( Minimum Additional Charges Payable per cubic meter (Cum) ମୂଲ୍ୟରୁ କମ ଉଲ୍ଲେଖ କରିଥାନ୍ତି, ତେବେ ସେହି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୪ . ମାଇନିଙ୍ଗ ପ୍ଲାନ ପ୍ରସ୍ତୁତ କରାଯାଇଅଛି | ଏଥି ବବାଦକୁ ପ୍ରାପ୍ୟ ଖର୍ଚ୍ଚ ପରିମାଣର ଟଙ୍କା ନୂତନ ସୈରାତ ଉତ୍ସ ରିପୋର୍ଟ ବାବଦକୁ ଖର୍ଚ୍ଚ କରାଯାଇଥିବା ଟଙ୍କା ସଫଳ ନିଲାମଧାରୀ ପଇଠ କେରିବେ |

୫. ଲିଜରେ ସୈରାତ ପରିଚାଳନା ସମ୍ପର୍କରେ ପରବର୍ତ୍ତୀ ସମୟରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ଵା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ,ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ Amendment Rules-୨୦୧୭-୧୮ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଆଇନ ଆଧାରାରେ ଏହା ପରିଚାଳିତ ହେବ ।

୬. ଚୟନ ହୋଇଥିବା ଲିଜଧାରୀଙ୍କୁ ସାତ ଦିନ ମଧରେ form-F ଜରିଆରେ ତାଙ୍କ ଚୟନ ବିଷୟ ଓ ଲିଜ ଜନିତ ସର୍ତ୍ତାବଳି ଜଣାଇ ଦିଆଯିବ ଏବଂ ଜଣାଇବାର ୧୫ ଦିନ ମଧରେ ଚୟନ କାରୀ ଯଦି ଏହା ତାଙ୍କୁ ଗ୍ରହଣୀୟ ହୁଏ ତେବେ ସେ ଲିଖିତ ଭାବରେ ଜଣାଇବେ ଏହା ସହ ଚୟନକାରୀ ଏକ ସର୍ବନିମ୍ନ ସ୍ଥିରିକୃତ ଲଘୁ ଖଣିଜ ଦ୍ରବ୍ୟର ରୟାଲିଟି ମୂଲ୍ୟ ଏବଂ ଅତିରିକ୍ତ ମୂଲ୍ୟ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନଙ୍କୁ ଦେୟ ପ୍ରଭୃତିର ସର୍ବୋମୋଟ ମୂଲ୍ୟର ଏକ ଚତୁର୍ଥାଂଶ ଯାହା ହେବ ସେଥିରୁ ପୂର୍ବରୁ ଡିପୋଜିଟ କରିଥିବା EMD ବିୟୋଗ ପରର ମୂଲ୍ୟକୁ ଏକତ୍ର ମିଶାଇଲେ ଯେଉଁ ରାଶିହେବ ତାହା ସୁଧ ବିହୀନ ଅମାନତ ଜମା ବୋଲି ବିବେଚିତ ହେବ |

୭. ଯଦି ସଫଳ ନିୟମଧାରୀ successful bidder ଉପର ଦର୍ଶିତ ଅନୁଚ୍ଛେଦ ପାରା ଆଧାରରେ ଧାର୍ଯ୍ୟ ରୟାଲିଟି ମୂଲ୍ୟ ଇତ୍ୟାଦି ତଥା ଅମାନତ ରାଶି ନିର୍ଦ୍ଧିଷ୍ଟ ସମୟ ସୀମା ଭିତରେ ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ତାଙ୍କ ଦ୍ଵାରା ଦାଖଲ ହୋଇଥିବା EMDକୁ ବ୍ୟାଜ୍ୟାପ୍ତି କରାଯିବ ଓ ପରବର୍ତ୍ତୀ ୨ୟ ସର୍ବାଧିକ ଆବେଦନକାରୀଙ୍କ ଲିଜ ପ୍ରଦାନ ପାଇଁ ଚୟନ କରାଯାଇ ପାରେ | ନିଲାମଧାରୀ ଚୟନ ପରେ ଅକୃତ କାର୍ଯ୍ୟ ନିଲାମଧାରୀଙ୍କୁ ସେମାନଙ୍କ EMD ଫେରସ୍ତ କରାଯିବ | ଯଦି ୨ୟ ସର୍ବାଧିକ ଆବେଦନକାରୀଙ୍କ ମୂଲ୍ୟରେ କୌଣସି ସନ୍ଦେହ ହୁଏ ବା ଅନ୍ୟ କୌଣସି କାରଣ ଥାଏ ତେବେ ଅନ୍ୟ କାହାକୁ ନିଲାମ ଦିଆନଯାଇ ପରବର୍ତ୍ତି ନିଲାମ ଦିବସରେ ନିଲାମ କରାଯିବ |

୮. ସଫଳ ନିଲାମଧାରୀ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଅନୁମତି ନିଜ ଖର୍ଚ୍ଚ ଓ ଦାଇତ୍ଵରେ ହାସଲ କରିବେ । ଲିଜଧାରୀ ପରିବେଶ ମ୍ୟାନେଜମେଣ୍ଟ ପ୍ଲାନ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଦାୟୀ ରହିବେ ।

୯. ସଫଳ ନିଲାମଧାରୀ ଭାବେ ବିବେଚିତ ହେଲେ ବୋଲି ଜଣାଇ ଦିଆଯିବା ଦିନ ଠାରୁ ୩ ମାସ ମଧ୍ୟରେ ଲିଜ ଡିଡ ସମ୍ପାଦନ କରିବେ । ନଚେତ ତାଙ୍କ ନିଲାମ୍‌କୁ ଖାରଜ କରାଯାଇ ତାଙ୍କ ଅମାନତ ବାଜ୍ୟାପ୍ତି କରାଯିବ । ତା ପୂର୍ବରୁ ସେ ପରିବେଶ ମଞ୍ଜୁରି ଓ consent to establish and consent to operate ତଥା ଅନ୍ୟାନ୍ୟ ମଞ୍ଜୁରି ହାସଲ କରିଥିବେ ।

୧୦ ଇସ୍ତାହାର ପ୍ରକାଶନ ଖର୍ଚ୍ଚ ଲିଜଧାରୀ ସମାନୁପାତରେ ବହନ କରିବେ ।

୧୧. ମାଇନିଙ୍ଗପ୍ଲାନରେ ଦର୍ଶାଯାଇଥିବା ଲଘୁ ଖଣିଜ ଦରବ୍ୟର ଉତ୍ତୋଳନ ପରିମାଣ ଯାହାକି MGQ ଠାରୁ କମ ହୋଇ ନଥିବ ଏହାର ଧାର୍ଯ୍ୟ ରୟାଲିଟି , ଅତିରିକ୍ତ ଦେୟ DMF ଦେୟ ,EMF ଦେୟ ଏବଂ compensatory affroestation ଦେୟ ,dead rent ,ଏବଂ surface rent ଏକ ବର୍ଷ ପାଇଁ ଅଗ୍ରୀମ ଲିଜ ଡିଡ ସମ୍ପାଦନ ପୂର୍ବରୁ ଏକକାଳୀନ ପଇଠ କରିବେ । ନିୟମ ମୁତାବକ ସଫଳ ନିଲାମଧାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ state pollution control board ଠାରୁ consent to establish (cte ) consent to operate (CTO) ଓ ପ୍ରଥମ ବର୍ଷର ଧାର୍ଯ୍ୟ ରାଶି ପଇଠ କଲାପରେ ସଫଳ ନିଲାମଧାରୀ (successful bidder )(registration Act ୧୯୦୮ ଓ Stamp Act ୧୯୯୯ ଅନୁଯାଇ ଚୁକ୍ତି ପତ୍ର execution of lease deed ନ କରିବେସମ୍ପାଦ ( ।

୧୩. ଲିଜଧାରୀ ଜମା ରୟାଲିଟି ର 2 % ଅର୍ଥ ଆୟକର ବାବଦକୁ ଦାଖଲ କରିବେ ।

୧୪. ଲିଜଧାରୀ ସରକାରଙ୍କ ଧାର୍ଯ୍ୟ ଅର୍ଥ )(environment management fund ) ବାବଦକୁ ଦାଖଲ କରିବେ ।

୧୫. ପ୍ରଚଳିତ ନିୟମ ଅନୁଯାଇ schedule I & II ର ଧାର୍ଯ୍ୟ ଦର ଲାଗୁ ହବ ଏବଂ ଏହା ସରକାରଙ୍କ ଦ୍ଵାରା ପରିବର୍ତ୍ତନ ହେବ ଓ ସଂପୃକ୍ତ ଲିଜ ଧାରି ପରିବର୍ତ୍ତିତ ମୂଲ୍ୟ ରେ ଜଦି ବର୍ଦ୍ଧିତ ରୟାଲିଟି ଅନୁମୋଦିତ ରୟାଲିଟି ଠାରୁ ଅଧିକ ହୋଇଥାଏ ତେବେ ତାହା ଦେବାକୁ ବାଧ ହେବେ |

୧୬. ଲିଜ ଧାରୀଙ୍କୁ ପ୍ରତିବର୍ଷ ସରକାରଙ୍କ ଦ୍ଵାରା ଧାର୍ଯ୍ୟ ମୂଲ୍ୟ dead rent ଏବଂ surface rent OMMC Rule-2016 ଆଧାରରେ ଦେବାକୁ ପଡିବ।

୧୭. ଲିଜ ଧାରୀ ଜଳ ସିଞ୍ଚନ ଓ ବନୀକରଣ କାର୍ଯ୍ୟ କରିବାକୁ ବାଧ ରହିବେ ।

୧୮. ଲିଜ ଧାରୀ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ,୨୦୧୬ ର ସମସ୍ତ ସର୍ତ୍ତାବଳି ତଡ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁଷଙ୍ଗିକ ନିୟମ ମାନିବା ନିମନ୍ତେ ବାଧ ରହିବେ । ଏଥିରେ ଖିଲାପ ହେଲେ ଆଇନାନୁଯାଇ କାର୍ଯ୍ୟାନୁଷ୍ଠାନ ହେବ ।

୧୯. ଲିଜ ଧାରୀ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ତଥା ଚାଲାଣ ସଙ୍କ୍ରାନ୍ତିୟ ସଠିକ ବିବରଣୀ ତ୍ରୟମାସିକ return form –P ଏବଂ ବାର୍ଷିକ return form –K ରେ ତହସିଲଦାର ତେଲାଙ୍ଗଙ୍କ ଠାରେ ଦାଖଲ କରିବାକୁ ବାଧ ରହିବେ । Form H ରେ ନିର୍ଦ୍ଧାରିତ ଅଧିକାରୀଙ୍କୁ ଜଣାଇବେ ।

୨୦. ଲିଜ ଏଗ୍ରୀମେଣ୍ଟ ସମ୍ପାଦନ ହେବା ଦିନ ଠାରୁ quarry operation କରିବାକୁ ବାଧ ରହିବେ ।

୨୧. ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଲଘୁ ଖଣିଜ ଦ୍ରବ୍ୟ ପରିଚାଳନା ସମ୍ବନ୍ଧୀୟ ଆଦେଶ ଗୁଡିକୁ ଲିଜଧାରୀ ମାନିବାକୁ ବାଧ । କ୍ଷମତା ସମ୍ପନ୍ନ ଅଧିକାରୀ ଖଣି ପରିଦର୍ଶନ ସମୟରେ ଖାଦାନ ସମ୍ବନ୍ଧୀୟ ସମସ୍ତ ରେକର୍ଡ ତନଖି କରିପାରିବେ ।

୨୨. ଲିଜଧାରୀ ସୈରାତ ଉତ୍ସର ସୀମା ନକସା ଅନୁଯାଇ ଚାରିଫୁଟର ଢଳେଇ ଖୁଣ୍ଟ (concrete pillar)ଦ୍ୱାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ display board ତିଆରିକରି ସେଥିରେ ସୈରାତ ଉତ୍ସ ର ର ନକ୍ସା ସହ ନାମ ଲିଜ ଧାରିଙ୍କ ନାମ ତଥା ସମ୍ପୂର୍ଣ ବିବରଣୀ ସହ ଲିଜ ର ଅବଧି ଉଲେଖ କରିବେ । ଏହିସବୁ କାର୍ଯ୍ୟ ଲିଜ ଧାରି ନିଜ ଖର୍ଚ୍ଚରେ ବହନ କରିବେ | ପୁନଶ୍ଚ ଲିଜ ଧାରି ଖଣି ପରିଚାଳନା ଜନିତ କ୍ଷୟ କ୍ଷତି ସର୍ବସାଧାରଣ ଙ୍କ ଜୀବନ ହାନି ବା କ୍ଷତାକ୍ତ ପାଇଁ ଆବଶ୍ୟକୀୟ କ୍ଷୟ କ୍ଷତି ସରକାରଙ୍କୁ ଭରଣା କରିବାକୁ ଦାୟୀ ରହିବେ ।

୨୩. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ , କ୍ଷମତା ସଂପୂର୍ଣ୍ଣ ଅଧିକାରୀଙ୍କ ଠାରୁ ଅନୁମତି ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନହିଁ । ଏଥିରେ ଖିଲାପ କରିଲେ OMMC Rule 2016 ଅନୁଯାଇ ଦଣ୍ଡନିୟ ହେବେ |

୨୪. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ସମ୍ପୂର୍ଣ୍ଣ ଅଧିକାରୀଙ୍କ ରହିଅଛି । ଅନିବାର୍ଯ୍ୟ କାରଣ ବଶତଃ କ୍ଷମତା ସଂପୂର୍ଣ୍ଣ ଅଧିକାରୀ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିପାରିବେ କିମ୍ବା ବାତିଲ କରପାରିବେ ।

୨୫. ନିଲାମଧାରୀ ତାଙ୍କୁ ଦିଆଯାଇଥିବା ପରିସର ବାହାରେ ଖନନ କଲେ ତାହା ଅପ୍ରାଧିକୃତ ଧରାଯିବ । ଏବଂ MMDR ACT-୧୯୫୭ ଓ MMC rules/regulation/circular etc. ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବେ ।

୨୬. ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳି ତହସିଲଦାର ଡେଲାଙ୍ଗଙ୍କ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ତତ ସମ୍ବନ୍ଧୀୟ ସମ୍ପୃକ୍ତ ସର୍ତ୍ତାବଳି www.puri.nic.in ରେ ଉପଲବ୍ଧ ହେବ |

୨୭. ସୈରାତ ଉତ୍ସଗୁଡିକର ସାରଣୀ ଏଥି ସହିତ ସଲଗ୍ନ ହୋଇ ଅଛି ।

**ବି. ଦ୍ର:- ପ୍ରଚଳିତ ନିୟମ ଅନୁଯାଇ ଅନ୍ୟ ଜିଲ୍ଲାର ବ୍ୟକ୍ତି ବିଶେଷ /ଅନୁଷ୍ଠାନ ବର୍ତ୍ତମାନ ପୁରୀ ଜିଲ୍ଲାକୁ ଆସିବା ନିଷେଧ ଥିବାରୁ ଆବେଦନ କାରୀ ତହସିଲ ଫୋନ ନମ୍ବର ରେ ୯୪୩୮୫୪୨୫୦୮ ଅନୁସନ୍ଧାନ କରି ପାରିବେ ଏବଂ Form-M ଏବଂ ସୈରାତ ଉତ୍ସଗୁଡିକର ବିବରଣୀ ଇତ୍ୟାଦି ଡେଲାଙ୍ଗ ତହସିଲର email address - sairatdelangtahasil2020@gmail.com ରେ ଆବେଦନ କରି ପାରିବେ ।**

ତହସିଲଦାର-ତଥା -କ୍ଷମତାସମ୍ପର୍ଣ୍ଣ
ପ୍ରାଧିକାରୀ, ଡେଲାଙ୍ଗ

ଜ୍ଞାପକ ସଂ   ୨୯୪୧   ତା ୦୬.୦୮.୨୦୨୦

ଏହାର ଏକକିତା ନକଲ **ସହ ସୈରାତ ଉତ୍ସର ବିବରଣୀ ତହସିଲ** କାର୍ଯ୍ୟାଳୟ ଡେଲାଙ୍ଗ ନୋଟିସ ବୋର୍ଡ /ପଞ୍ଚାୟତ ସମିତି **ଡେଲାଙ୍ଗ କାର୍ଯ୍ୟାଳୟ** ନୋଟିସ ବୋର୍ଡରେ ସମସ୍ତଙ୍କର ଅବଗତି ବହୁଳ ପ୍ରସାରଣ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା/-

ତହସିଲଦାର-ତଥା -କ୍ଷମତାସମ୍ପର୍ଣ୍ଣ

ପ୍ରାଧିକାରୀ, ଡେଲାଙ୍ଗ

ଜ୍ଞାପକ ସଂ   ୨୯୪୨   ତା ୦୬.୦୮.୨୦୨୦

ଏହାର ଏକକିତା ନକଲ ଡି.ଆଇ.ଓ, ପୁରୀ ଜିଲ୍ଲା Website ରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା ।

ରାଜେନ୍ଦ୍ର କୁମାର ଆଚାର୍ଯ୍ୟ

୬/୮/୨୦୨୦

ତହସିଲଦାର-ତଥା -କ୍ଷମତାସମ୍ପର୍ଣ୍ଣ

ପ୍ରାଧିକାରୀ, ଡେଲାଙ୍ଗ

ଜ୍ଞାପକ ସଂ   ୨୯୪୩   ତା ୦୬.୦୮.୨୦୨୦

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାର ପାଇଁ ତହସିଲ ଡେଲାଙ୍ଗ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଜିଲ୍ଲାପାଳ, ପୁରୀ/ଉପ-ଜିଲ୍ଲାପାଳ, ପୁରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା/-

ତହସିଲଦାର-ତଥା -କ୍ଷମତାସମ୍ପର୍ଣ୍ଣ

ପ୍ରାଧିକାରୀ, ଡେଲାଙ୍ଗ

ଜ୍ଞାପକ ସଂ   ୨୯୪୪   ତା ୦୬.୦୮.୨୦୨୦

ଏହାର ଏକକିତା ନକଲ ଆର. ଆଇ , ହରିରାଜପୁର / ସାଉରିଆ / ସତାଙ୍ଗୋଇଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ ପ୍ରେରଣ କରାଗଲା । ଏହାକୁ ତାଙ୍କ ନୋଟିସ ବୋର୍ଡରେ ଟଙ୍ଗାଇ ତାହାର ଏକ କିତା ଜାରି କରି ଫେରାଇବେ ।

ସ୍ୱା/-

ତହସିଲଦାର-ତଥା -କ୍ଷମତାସମ୍ପର୍ଣ୍ଣ

ପ୍ରାଧିକାରୀ, ଡେଲାଙ୍ଗ

# ନିଲାମ ପାଇଁ ଥିବା ସୈରାତ ଉତ୍ସଗୁଡିକର ବିବରଣୀ

| Sl No. | Name of the Souurce | Sairat Case No. | Name of Mouza | Khata | Plot | Area | Klssam / type of source | Minimum Guaranted Quantity per year | Royality per C.M (Rs.) | Minimumm addl Charges payable per Cum (Rs.) |
|---|---|---|---|---|---|---|---|---|---|---|
| 1 | River sand Basumandal | 1/20-21 | Basumandal | 8 | 85 | Ac.04.50 out of Ac 09.55 | Nadi | 1571 | 35.00 | 35.00 |
| ୨ | River sand Tigiria | 2/20-21 | Tigiria | 54 | 3 | Ac.09.05 out of Ac 13.83 | Nadi | 7024 | 35.00 | 35.00 |
| ୩ | River Sand Bhansar | 3/20-21 | Bhansar | 594 | 2932 | Ac 22.62 | Nadi | 8190 | 35.00 | 35.00 |
| ୪ | River Sand Gada Beguniapada | 4/20-21 | Gadabeguni apada | 319 | 1 | Ac.12.50 | Nadi | 5843 | 35.00 | 35.00 |
| ୫ | River Sand Majhibada – (A) | 5/20-21 | Majhibada | 142 | 538 | Ac.10.16 | Nadi | 1440 | 35.00 | 35.00 |
| ୬ | River Sand Majhibada – (B) | 6/20-21 | Majhibada | 142 | 538/ 540 | Ac. 06.40 | Nadi | 5222 | 35.00 | 35.00 |

ତହସିଲଦାର-ତଥା -କ୍ଷମତାସମ୍ପର୍ଣ୍ଣ

ପ୍ରାଧିକାରୀ, ଡେଲାଙ୍ଗ